## ସଂକ୍ଷେପରେ

### ୧୬ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୩।୮- ଅନୁଗୋଳ ଜିଲାରୁ ସୋମବାର ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ହଜାର ୮୯୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୩, ଅନୁଗୋଳ ପୌରାଞ୍ଚଳରୁ ୨, ବଅଁରପାଳ ବ୍ଲକରୁ ୨ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ନାଗରିକ ମଞ୍ଚର ନୂତନ ସଭାପତି

ଅନୁଗୋଳ ଅଫିସ, ୨୩।୮- ଅନୁଗୋଳ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବିଧିବଦ୍ଧ ନିର୍ବାଚନ ହେବା ପର୍ଯ୍ୟନ୍ତ ଡ. ପ୍ରଭାତ କୁମାର ପଣ୍ଡାଙ୍କୁ ମଞ୍ଚ ସଭାପତି ଭାବେ ମନୋନୀତ କରାଯାଇଛି। ସୂଚନାଯୋଗ୍ୟ, ୨୦୨୦ରେ ଡିସେମ୍ବର ମାସରୁ ସଭାପତି ନବକିଶୋର ସାମନ୍ତଙ୍କ ଦେହାନ୍ତ ପରେ ଉକ୍ତ ସ୍ଥାନ ଖାଲି ପଡ଼ିଥିଲା। ମଞ୍ଚ ବରିଷ୍ଠ ଉପସଭାପତି ବିମଳ ମିଶ୍ରଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିମଳ କୁମାର ମିଶ୍ର, ଅରୁଣ କୁମାର ଦାସ, ଆଇନଜୀବୀ ଜାରକିଶୋର ମହାରଣା, କୋଷାଧ୍ୟକ୍ଷ ବିପିନ ମହାପାତ୍ର, ଯୁଗ୍ମ ସମ୍ପାଦକ ଦୀନେଶ ନାରାୟଣ ମିଶ୍ର, ଭକ୍ତପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋ-ପୂଜନ ମହୋତ୍ସବ

ଆଠମଲ୍ଲିକ/ମାଧପୁର, ୨୩।୮- ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଗୌତମପୁର ଗ୍ରାମର ଦୟାନିଧି ସେବାସଂଘ ପକ୍ଷରୁ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବରାଜ ନାୟକ, ଦୁଃଖୀଶ୍ୟାମ ଷଡ଼ଙ୍ଗୀ, ସେବା ସଂଘ ଆବାହକ ଗଙ୍ଗାଧର ଦନ୍ତା, ସୀମାଞ୍ଜଳୀ ପ୍ରଧାନ, ଶୈଳେନ୍ଦ୍ରୀ ଦନ୍ତା, ରିମାଞ୍ଜଳୀ ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଦେବାନନ୍ଦ ବଘାର, ରଞ୍ଜନ ପ୍ରଧାନ, ହୃଦାନନ୍ଦ ମେହେର, ସୁଶାନ୍ତ ହୋତା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ବାବା ସିଦ୍ଧେଶ୍ୱର କ୍ଲବର ଅଭିରାମ ମେହେର, ସନ୍ତୋଷ ମେହେର, ଶରତ ମହାକୁଡ଼, ଶ୍ରୀକାନ୍ତ ବାଘ ଉପସ୍ଥିତ ଥିଲେ।

### ବିଜେଡି ସାଙ୍ଗଠନିକ ବୈଠକ

କଣିହାଁ,୨୩।୮(ଡି.ଏନ.ଏ.)- କଣିହାଁ ବ୍ଲକ ସିପୁରସ୍ଥିତ ମା' ଲୁଧୁଣି ମନ୍ଦିର ପରିସରରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶକ୍ରମେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଣିହାଁ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ୧୦ନଂ. ଜୋନ ପର୍ଯ୍ୟବେକ୍ଷକ ହିମାଚଳ ପଣ୍ଡା ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ତୃଣମୂଳସ୍ତରରୁ ସଙ୍ଗଠନକୁ କିଭଳି ସୁଦୃଢ଼ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୮ ନଂ. ଜୋନ ପର୍ଯ୍ୟବେକ୍ଷକ ସୁବାସ ମହାନ୍ତି, ଯୁଗଳ କିଶୋର ସାହୁ, ଯୁବସଭାପତି ଗଗନ ରାଉତ, ଝସକେତନ ସାହୁ, କାର୍ଯ୍ୟକାରୀ ସଭାପତି ବାବୁ ପ୍ରଧାନ ଯୋଗ ଦେଇଥିଲେ।

### ମହିମା ଟୁଙ୍ଗିରେ ନବାନ୍ନ ଉତ୍ସବ

ବଅଁରପାଳ,୨୩।୮(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ ମହିମା ସମାଜ ପକ୍ଷରୁ ମହିମା ଟୁଙ୍ଗିଠାରେ ନବାନ୍ନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ଶୂନ୍ୟମନ୍ଦିର ପରିସରରେ ଅଖଣ୍ଡବତି ପ୍ରଜ୍ୱଳନ ଓ ଧୁନିସ୍ଥାପନା କରାଯାଇଥିଲା। ଗାୟକ ମହୁର ଭାଇ, ଦୁଆରୀ ଭାଇ ଭଜନ ପରିବେଷଣ କରିଥିଲେ। ରବିବାର ସକାଳେ ନୂଆବର୍ଷର ଧାନରେ ପ୍ରସ୍ତୁତ ଚୁଡ଼ାରେ ଅନ୍ନଣିଆ ପ୍ରସ୍ତୁତ କରାଯାଇ ଭିକ୍ଷା ମଣ୍ଡପରେ ଅଲେଖ ଶୂନ୍ୟପ୍ରଭୁଙ୍କୁ ଅର୍ପଣ କରାଯାଇଥିଲା। ପରେ ନବାନ୍ନ ପରିବେଷଣ ହୋଇଥିଲା। କର୍ମକର୍ତ୍ତା ପ୍ରେମାନନ୍ଦ ସେଠ, ରାଜେଶ ଜେନା, ବୈରାଗୀ ସେଠ, ପ୍ରଣବ ଜେନା, କରୁଣାକର ସେଠ, ସୁଜିତ ସେଠ, ପ୍ରମୁଖ ପରିଚାଳନା କରିଥିଲେ।

### ୮ ବର୍ଷ ପରେ ଅଭିଯୁକ୍ତ ଗିରଫ

ଆଠମଲ୍ଲିକ/ବଇଁଡା, ୨୩।୮ (ଡି.ଏନ.ଏ.)- ସ୍ତ୍ରୀଙ୍କୁ ହତ୍ୟା କରି ଦୀର୍ଘ ୮ ବର୍ଷ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ ଆଠମଲ୍ଲିକ ଥାନା ଅନ୍ତର୍ଗତ ନୂଆମାଣିଡ୍ରୀ ଗ୍ରାମର ଜିତୁ ଭୋଇଙ୍କୁ ଆଠମଲ୍ଲିକ ପୋଲିସ ସୋମବାର ଗିରଫ କରିଛି। ୨୦୧୩ରେ ଜିତୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ୨ ଦିନ ତଳେ ସେ ଘରକୁ ଆସିଥିବା ଖବରପାଇ ଆଇଆଇସି ନିରୋଦ କୁମାର ଦାସ ରବିବାର ରାତିରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ସେହିପରି କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁବଇଣ୍ଡା ଗ୍ରାମରେ ସୋମବାର ପୋଲିସ ଚଢାଉ କରି ଫେରାର ଅଭିଯୁକ୍ତ ଚେଣ୍ଟ ନାୟକଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୯ରେ ଡକାୟତ ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରି ଗିରଫ କରିଥିଲେ।

# ବର୍ଷା ହେଲେ ବଞ୍ଚିବ

- ଶ୍ରାବଣରେ ହୋଇଛି ମାତ୍ର ୧ ପ୍ରତିଶତ ବୃଷ୍ଟି
- ଜମି ଫାଟି ହଳଦିଆ ପଡ଼ିଲାଣି ଧାନ ଗଛ
- ଆସନ୍ନ ମରୁଡ଼ି ଚିନ୍ତାରେ ଆଠମଲ୍ଲିକ ଚାଷୀ

ଆଠମଲ୍ଲିକ,୨୩।୮(ଡି.ଏନ.ଏ.)


ବର୍ଷା ଅଭାବରୁ ଆଠମଲ୍ଲିକ ବ୍ଲକ ଅଞ୍ଚଳର ଚାଷଜମି ଫାଟିଗଲାଣି।

ଆଷାଢ଼ରେ ହୋଇଥିଲା ନିଅଣ୍ଟିଆ ବର୍ଷା। ତଥାପି ଶ୍ରାବଣକୁ ଆଶା ରଖି ଚାଷୀ ବଢ଼ିଥିଲେ ଆଗକୁ। ରୁଆ ବେଉଷଣ କାର୍ଯ୍ୟ ପ୍ରାୟ ଏକ ତୃତୀୟାଂଶ ଶେଷ ହୋଇଯାଇଥିଲା। ଭଲ କରି ଅସରାଏ କି ଦୁଇ ଅସରା ବର୍ଷା ହୋଇଥିଲେ, ବାକି ଜମିରେ ଚାଷ ଏଇ ମାସରେ ସରିଯାଇଥାନ୍ତା। ହେଲେ ଶ୍ରାବଣରେ ଆବଶ୍ୟକତାର ମାତ୍ର ୧ ପ୍ରତିଶତ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପଡ଼ିଆ ଜମି ଚଷିବା ତ ଦୂରର କଥା, ହୋଇଥିବା ଫସଲ କିପରି ରକ୍ଷା କରାଯିବ ତାହାକୁ ନେଇ ଚାଷୀକୁଳରେ ଏବେ ଭାଳେଣି ପଡ଼ିଯାଇଛି। ଭାଦ୍ରବ ଆରମ୍ଭରେ ଭଲ ବର୍ଷା ହେଲେ ହଳଦିଆ ପଡ଼ିଆଯାଇଥିବା ଧାନ ଗଛ ବଞ୍ଚିଯିବ। ନ ହେଲେ ଚାଷ ଉଜୁଡ଼ିବାକୁ ଅଧିକ ସମୟ ଲାଗିବ ନାହିଁ।

ଆଠମଲ୍ଲିକ ବ୍ଲକରେ ମୋଟ ୩୬ ହଜାର ୭୮ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୧୨ ହଜାର ୧୮୬ ହେକ୍ଟରରେ କେବଳ ଧାନ ଚାଷ ହୋଇଥାଏ। ହେଲେ ଚଳିତବର୍ଷ ଆବଶ୍ୟକ ବର୍ଷା ଅଭାବରୁ ୯ ହଜାର ୭୧୧ ହେକ୍ଟରରେ ଧାନ ଚାଷ ହୋଇପାରିଛି। ବର୍ତ୍ତମାନ ସୁଦ୍ଧା ୨ ହଜାର ୪୭୫ ହେକ୍ଟର ଜମି ପଡିଆ ପଡିଛି। ଧାନ ଚାଷ ପାଇଁ ଆଷାଢ଼ ମାସରେ ୩୪୭.୭ ମିଲିମିଟର ବର୍ଷା ଦରକାର ଥିବାବେଳେ ହୋଇଛି ୨୦୧.୮ ମିଲିମିଟର। ରୁଆ ବେଉଷଣ ପାଇଁ ଏହା ପର୍ଯ୍ୟାପ୍ତ ହୋଇ ନ ଥିଲେ ମଧ୍ୟ ଚାଷୀମାନେ ବିଲକୁ କାଦୁଅ କରି ଚାଷ କାର୍ଯ୍ୟ ଆଗେଇ ନେଇଥିଲେ। ଶ୍ରାବଣ ମାସରେ ମୂଷଳ ଧାରାରେ ବର୍ଷା ହେବାର ଆଶା ଥିବାରୁ ବଳକା ଜମି ଚଷିବା ଶୀଘ୍ର ଶେଷ ହେବ ବୋଲି ସେମାନେ ଭାବି ନେଇଥିଲେ। କିନ୍ତୁ ଶ୍ରାବଣ ମାସରେ ୩୫୭.୫ ମିଲିମିଟର ସ୍ଥାନରେ ହୋଇଛି ମାତ୍ର ୩ ମିଲିମିଟର ବର୍ଷା। ଫଳରେ ପଡ଼ିଆ ପଡ଼ିଥିବା ଜମିରେ ରୁଆ କାର୍ଯ୍ୟ କରିବାକୁ ଆଶାବ୍ୟକ୍ତ କରିଥିବା ଚାଷୀମାନେ ସମ୍ପୂର୍ଣ୍ଣ ନିରାଶ ହେବା ସହ କରାଯାଇଥିବା ଚାଷକୁ କିପରି ରକ୍ଷା କରାଯାଇ ପାରିବ ତାହାକୁ ନେଇ ମନସ୍ତାପରେ ଅଛନ୍ତି। ବ୍ଲକ ଅଞ୍ଚଳର ଠାକୁରଗଡ଼, ଆମ୍ବସରମୁଣ୍ଡା, ମଇମୁରା, ସାନହୁଲା, କୃତ୍ତିବାସପୁର, ପେଡ଼ିପଥର, ଟାପଢ଼ୋଲ, ସପଘରା, କୁରୁମଟାପ, କନ୍ତପଡ଼ା, ପାଇକସାହି, ନଅଗାଁ, ଅଏଡା, ଜାମୁଡୋଲି, ପୁରୁଣାମାଣିଡ୍ରୀ, କିଆକଟା, ଟୁସର, ବାସୁଦେବପୁର ଆଦି ପଞ୍ଚାୟତରେ ଧାନରୁଆ ଯାଇଥିବା ଜମି ଫାଟି ଆଁ କଲାଣି। ଶୀଘ୍ର ଜୋରଦାର ବର୍ଷା ନ ହେଲେ ଧାନ ଗଛ ସବୁ ମରିଯିବା ଏକପ୍ରକାର ନିଶ୍ଚିତ। ସେହିପରି ମାନଜୋର ଡ୍ୟାମ୍ ଉପରେ ନିର୍ଭର କରୁଥିବା କମ୍ପଲା, କନ୍ଧପଡା, ମାଧପୁର, ଲୁଣାହଣ୍ଡି ପଞ୍ଚାୟତର ଚାଷୀମାନଙ୍କ ଜମିକୁ ଠିକ୍ ଭାବେ ଜଳ ଯୋଗାଣ ହୋଇପାରୁ ନାହିଁ। କେନାଲ ମାଧ୍ୟମରେ ଯାଉଥିବା ପାଣିର ୫୦ ପ୍ରତିଶତ ବିଲ ନିକଟରେ ପହଞ୍ଚୁଛି। କେତେବେଳେ କେମିତି ହେଉଥିବା ଝିପିଝିପି ବର୍ଷା ଚାଷ ବଞ୍ଚାଇବାକୁ ପର୍ଯ୍ୟାପ୍ତ ହେବନି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଆଠମଲ୍ଲିକ ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର କୁମାର ଦାସ କହିଛନ୍ତି, ବର୍ଷା ଅଭାବରୁ ଚାଷ ଗଭୀର ଭାବେ ପ୍ରଭାବିତ ହୋଇଛି। ଧାନ ଗଛ ସବୁ ହଳଦିଆ ପଡିଯାଇଛି। ଜୋରଦାର ବର୍ଷା ହେଲେ ଚାଷ ବଞ୍ଚିଯିବ।

#### ବିଳମ୍ବିତ ବର୍ଷା କାମରେ ଆସିବନି


"ବର୍ଷା ଅଭାବରୁ ଆଠମଲ୍ଲିକ ବ୍ଲକରେ କୃଷି କାର୍ଯ୍ୟରେ ଘୋର ସଂକଟ ସୃଷ୍ଟି ହୋଇଛି। ଚାଷ ସମୟ ଗଡ଼ିଯାଉଥିବାରୁ ବିଳମ୍ବିତ ବର୍ଷା ଆଉ କାର୍ଯ୍ୟରେ ଲାଗିବ ନାହିଁ। ଏଥିଯୋଗୁ ଚାଷୀମାନଙ୍କ ମନରେ ହତାଶଭାବ ଦେଖାଦେଇଛି।

-ଅଞ୍ଜନ କୁମାର ପ୍ରଧାନ, ଚାଷୀ ନେତା

#### ମେଗା ଜଳସେଚନ ପ୍ରକଳ୍ପ ହେଉ


"ଲୁହାସିଂହା ପଞ୍ଚାୟତରେ କରାଯାଇଥିବା ଚାଷ ନଷ୍ଟ ହୋଇଯିବାକୁ ବସିଛି। ବର୍ଷା ଅଭାବରୁ ରୁଆ ଯାଇଥିବା ଧାନ ଗଛ ମରିଯାଉଛି। ମେଗା ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ହେଲେ ଚାଷୀମାନେ ଆଶ୍ୱସ୍ତି ଅନୁଭବ କରିପାରନ୍ତେ।

-ସୁଦର୍ଶନ ଗାଇଗରିଆ, ଚାଷୀ

#### ଚାଷକୁ ଘୋର କ୍ଷତି ପହଞ୍ଚିଛି


"ଚାଷ ଜମି ସବୁ ଫାଟି ଆଁ କରିଛି। ନିଅଣ୍ଟିଆ ବର୍ଷା ସାଙ୍ଗକୁ ଜଳସେଚନର ଅଭାବ ଆଠମଲ୍ଲିକ ବ୍ଲକରେ ଚାଷକୁ ଘୋର କ୍ଷତି ପହଞ୍ଚାଇଛି। ଶୀଘ୍ର ଭଲ ବର୍ଷା ନ ହେଲେ ଚାଷୀମାନେ ମରୁଡି ସମସ୍ୟାରେ ପଡ଼ିବେ ବୋଲି ଆଶଙ୍କା କରାଯାଉଛି।

-ଶତ୍ରୁଘ୍ନ ସାହୁ, ଠାକୁରଗଡ଼

#### ପଡ଼ିଆ ଜମି ଚଷି ହେବନି


"ଶ୍ରାବଣରେ ଆବଶ୍ୟକ ବର୍ଷା ହେଲାନାହିଁ। ଭାଦ୍ରବରେ ବର୍ଷା ହେଲେ ମଧ୍ୟ ପଡ଼ିଆ ଜମି ଚଷି ହେବ ନାହିଁ। କେବଳ କିଛି ଭାଗ ରୁଆ ବଞ୍ଚିଯିବ ବୋଲି ଆଶା କରାଯାଉଛି। ଏନ୍‌ଏସି ଅଞ୍ଚଳର ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଉ।

-ମାନଭଞ୍ଜନ ଭୁକ୍ତା, ଚାଷୀ

#### ୨୦ ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ନାହିଁ


"ମାନଜୋର ଡ୍ୟାମ୍‌ରୁ କେବଳ ୪ଟି ପଞ୍ଚାୟତର ଜମିକୁ ପାଣି ଯାଉଛି। ବାକି ୨୦ଟି ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳ ସହ ଆଠମଲ୍ଲିକ ସହର ତଳି ଅଞ୍ଚଳରେ ଥିବା ଜମି ଚାଷ ବର୍ଷା ଉପରେ ନିର୍ଭରଶୀଳ।

-ସଂକୀର୍ତ୍ତନ ମେଣ୍ଢୁଲି, ଆଠମଲ୍ଲିକ

## ମହୁମାଛିଙ୍କ ସୁରକ୍ଷା ଅପରିହାର୍ଯ୍ୟ


ଗ୍ରାମବାସୀ କରିଥିବା ମହୁମାଛି ଚାଷ ଦେଖାଉଛନ୍ତି।

ଅନୁଗୋଳ ଅଫିସ,୨୩।୮

କୃଷି ଉତ୍ପାଦନ କ୍ଷେତ୍ରରେ ମହୁମାଛି, ପ୍ରଜାପତି ଓ ଅନ୍ୟ ମାଛିଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ନିର୍ଭରଶୀଳତା ରହିଛି। ଜୈବବିବିଧତାର ଏହି ସମ୍ପର୍କ ବିଷୟରେ ବ୍ୟାପକ ଜନସଚେତନତାର ଆବଶ୍ୟକତା ଅଛି। ତେଣୁ ମହୁମାଛି ଚାଷ ଏବଂ ସେମାନଙ୍କ ନିରାପଦ ସୁରକ୍ଷା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ବିଶ୍ୱ ମହୁମାଛି ପାଳନ ଦିବସ ଅବସରରେ ଅନୁଗୋଳ ବ୍ଲକ ପବଲା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପ୍ରେମୀ ଅଶୋକ ଶତପଥୀ, ପ୍ରକୃତି ପ୍ରେମୀ ପ୍ରସନ୍ନ କୁମାର ବେହେରା, ମହୁଚାଷୀ ବିଜୟ କୁମାର ବୀର ଓ ବନ୍ୟପ୍ରାଣୀ ପ୍ରେମୀ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପବଲା ବନ ସୁରକ୍ଷା ସମିତି ସଭାପତି ରଞ୍ଜନ ପଧାନ ସଭାପତିତ୍ୱ କରିଥିଲେ। ନୀଳମାଧବ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମର ମହିଳା ପୁରୁଷମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଖଦି କମିଶନ ପକ୍ଷରୁ ଆରମ୍ଭ ହୋଇଥିବା ମହୁମାଛି ଚାଷର ପ୍ରତିଟି ସୋପାନ ବିଷୟରେ ଆଲୋଚନା କରାଯାଇଥିଲା। ସଂଯୋଜକ ପ୍ରିୟବ୍ରତ ବେହେରା ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଞ୍ଜନ ପଧାନ ଓ ବିଷ୍ଣୁ ପଧାନ ସହଯୋଗ କରିଥିଲେ।

## ସଂସ୍କୃତି ବିଭାଗର ଅବହେଳାକୁ ନିନ୍ଦା

କଣିହାଁ,୨୩।୮(ଡି.ଏନ.ଏ.)

କଣିହାଁ ବ୍ଲକ କଳାସଂସ୍କୃତି ସଂଘର କଳାକାରମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଜୀକୃତ ମହିଳାପୁରୁଷମାନେ ପୂର୍ବାହ୍ନରେ କଣିହାଁ ପୁରୁଣା ହାଟ ପଡ଼ିଆ ଗାନ୍ଧୀ ଛକଠାରେ ଏକତ୍ରିତ ହୋଇ ନାମସଂକୀର୍ତ୍ତନ କରି ବଜାର ପରିକ୍ରମା ପରେ ବ୍ଲକ ଅଫିସକୁ ଯାଇଥିଲେ। ସେଠାରେ ସଂସ୍କୃତି ବିଭାଗର ଅବହେଳାକୁ ନେଇ ନିନ୍ଦା କରିବା ସହ ରାଜ୍ୟ ସରକାର କଳାକାରଙ୍କ ପାଇଁ ଘୋଷଣା କରିଥିବା ବ୍ୟବସ୍ଥାର କାର୍ଯ୍ୟକାରିତା ନିମନ୍ତେ ଦାବି କରିଥିଲେ। ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ କହିଛନ୍ତି, ବିଲୁପ୍ତ ଲୋକକଳାର ପୁନରୁଦ୍ଧାର, ଓଡ଼ିଶାର ଲୋକକଳା ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ। ସଂସ୍କୃତି ବିଭାଗ ତରଫରୁ ଅବହେଳା ଯୋଗୁ ଅଦ୍ୟାବିଧି ପ୍ରକୃତ କଳାକର ଚିହ୍ନଟ ହେଉ ନ ଥିବାବେଳେ କଳାକାରମାନେ ଜୀବିକା ହରାଇ ଦୁଃଖରେ ଜୀବିକା ନିର୍ବାହ କରୁଛନ୍ତି। ତୁରନ୍ତ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ କରାଯାଇ ଭତ୍ତା, ସ୍ୱାସ୍ଥ୍ୟବୀମା, ବାଦ୍ୟଯନ୍ତ୍ର ଉପକରଣ ଯୋଗାଇ ଦେବାକୁ ଦାବି କରାଯାଇଛି।


ବିଭିନ୍ନ ଦାବି ନେଇ ବ୍ଲକ ଅଫିସ ଅଭିମୁଖେ ଯାଉଛନ୍ତି କଳାସଂସ୍କୃତି ସଂଘ ସଦସ୍ୟା ସଦସ୍ୟ।

## ବିଧବାଙ୍କୁ ମାଡ଼ ମାରି ଦମ୍ପତି ଗିରଫ

ଆଠମଲ୍ଲିକ,୨୩।୮(ଡି.ଏନ.ଏ.)

ଆଠମଲ୍ଲିକ ଥାନା ମଦନପୁର ଗ୍ରାମର ଜନୈକା ବିଧବା ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ସୋମବାର ସ୍ୱାମୀ ଶରତ ମହାକୁଡ଼ (୩୪) ଓ ସ୍ତ୍ରୀ ସାରଳା (୩୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ବିଧବା ମହିଳା ବିନଲତା ମହାକୁଡ଼(୪୫) ଘର ପଛପାଖ ସଫା କରୁଥିବାବେଳେ ୨ ଟି ଦେଶୀ ରନ୍ଧା ମଦ ବୋତଲ ପାଇ ଫିଙ୍ଗି ଦେଇଥିଲେ। କାହିଁକି ମଦ ବୋତଲ ଫିଙ୍ଗିଲ ବୋଲି କହି ଶରତ ତାଙ୍କ ସହ ଯୁକ୍ତି କରିଥିଲେ। ଏଥିରେ ଶରତଙ୍କ ସ୍ତ୍ରୀ ମଧ୍ୟ ସହଯୋଗ କରିଥିଲେ। ଶରତ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ବିନଲତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୧୪୪/୨୧ରେ ମାମଲା ରୁଜୁ କରିଛି।

## ୧୨ ହାତୀଙ୍କୁ ନେଇ ଆତଙ୍କ


କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ସୋଲଣ୍ଡା ଗ୍ରାମରେ ପଶିଥିବା ହାତୀପଲଙ୍କୁ ବନ କର୍ମଚାରୀମାନେ ଘଉଡ଼ାଉଛନ୍ତି।

ବଇଣ୍ଡା,୨୩।୮(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ସୋଲଣ୍ଡା ଗ୍ରାମରେ ସୋମବାର ୧୨ଟି ହାତୀ ଉପଦ୍ରବ ଚଳାଇଛନ୍ତି। ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଗ୍ରାମବାସୀ କହିଛନ୍ତି, କିଛିଦିନ ହେବ ହଣ୍ଡପା ରେଞ୍ଜରେ ୧୨ଟି ହାତୀ ଗ୍ରାମାଭିମୁଖୀ ହୋଇ ବ୍ୟାପକ କ୍ଷତି କରୁଛନ୍ତି। ବିଶେଷକରି ପନିପରିବା ଚାଷ ସହ ଧାନ ବିଲରେ ପଶି ଫସଲ ଦଳିଚକଟି ନଷ୍ଟ କରିଦେଉଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ପଲରେ ଥିବା ଦନ୍ତାହାତୀ ବହୁ କଦଳୀ ଗଛ ଭାଙ୍ଗିଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗର ଏକ ଟିମ୍ ହାତୀପଲଙ୍କୁ ଘଉଡାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବାରୁ ପୁଣି ଉପଦ୍ରବ ଦେଖାଦେବାର ଆଶଙ୍କା କରାଯାଉଛି। ଯଥାଶୀଘ୍ର ହାତୀପଲଙ୍କୁ ଅନ୍ୟତ୍ର ଘଉଡାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଆସିଥିବା ଖବରପାଇ ବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରି ପଦେକ୍ଷେପ ନିଆଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ପୁନଃପ୍ରତିଷ୍ଠା ଦାବି

ଢେଙ୍କାନାଳ ଅଫିସ,୨୩।୮

ଢେଙ୍କାନାଳ ପୌରାଞ୍ଚଳ ୩ନଂ ୱାର୍ଡରେ ସ୍ୱାସ୍ଥ୍ୟକେନ୍ଦ୍ର ପୁନଃ ପ୍ରତିଷ୍ଠା ପାଇଁ ସୋମବାର ଜିଲା ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୌରାଞ୍ଚଳର ୩ନଂ ୱାର୍ଡରେ ଦୀର୍ଘ ୩୦ ବର୍ଷ ହେଲା ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା କୋଠାକୁ ଦୁଇବର୍ଷ ତଳେ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୨ ଓ ୩ନଂ ୱାର୍ଡବାସୀ ଦକ୍ଷିଣକାଳୀଠାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ତେଣୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ସଙ୍ଗଠନ ପକ୍ଷରୁ ପୂର୍ବତନ ଜିଲାପାଳଙ୍କ ନିକଟରେ ମଧ୍ୟ ଦାବି କରାଯାଇଥିଲା। ପୂର୍ବତନ ଜିଲାପାଳ ଏଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ସଙ୍ଗଠନ ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ ନିର୍ମାଣ କରାଯିବା ପାଇଁ ନୂଆ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ସଙ୍ଗଠନ ସଦସ୍ୟ ଡା. ତୁଷାରକାନ୍ତି ନାୟକ ଓ ରୁଦ୍ର ପ୍ରକାଶ ଶରଣଙ୍କ ନେତୃତ୍ୱରେ ପ୍ରଭାତ ନଳିନୀ ମିଶ୍ର, ଗୀତା ସାମଲ, ହିରଣ୍ମୟୀ ମିଶ୍ର, ଦେବହୂତୀ ମିଶ୍ର ପ୍ରମୁଖଙ୍କ ସହଯୋଗରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।


ସ୍ୱାସ୍ଥ୍ୟକେନ୍ଦ୍ର ପୁନଃପ୍ରତିଷ୍ଠା ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଶିଶୁମାନଙ୍କ ନିଶାମୁକ୍ତି ଉପରେ ଗୁରୁତ୍ୱ

- ସବୁ ଔଷଧ, ମଦ ଦୋକାନରେ ଲାଗିବ ସିସିଟିଭି କ୍ୟାମେରା
- ସ୍କୁଲର ଶହେ ମିଟର ମଧ୍ୟରେ ଅବକାରୀ ଦୋକାନ ମନା
- ନିଶାର ଅପକାରିତା ସମ୍ପର୍କରେ ସ୍କୁଲ ପିଲାଙ୍କୁ କରାଯିବ ସଚେତନ

ଅନୁଗୋଳ ଅଫିସ,୨୩।୮


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଶିଶୁମାନଙ୍କୁ ନିଶା କବଳରୁ ମୁକ୍ତ କରିବା ପାଇଁ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଶିଶୁମାନଙ୍କ ନିଶାମୁକ୍ତି ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଏଲ୍‌ପିଓ ପ୍ରଦୀପ କୁମାର ନାୟକ ଶିଶୁମାନଙ୍କୁ କିପରି ନିଶାମୁକ୍ତ କରାଯିବ, ସେ ନେଇ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ସ୍ୱାଇଁ ବିଦ୍ୟାଳୟରେ ଶିଶୁମାନଙ୍କୁ ନିଶା ସମ୍ପର୍କରେ ସଚେତନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ବୈଠକରେ ଏହି ବିଷୟରେ ଆଲୋଚନା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସ୍କୁଲର ୧୦୦ ମିଟର ମଧ୍ୟରେ କୌଣସି ଅବକାରୀ ଦୋକାନ ରହିବ ନାହିଁ। ଜିଲାର ପ୍ରତ୍ୟେକ ଔଷଧ ଦୋକାନରେ ଏକମାସ ମଧ୍ୟରେ ସିସିଟିଭି କ୍ୟାମେରା ଲଗାଇବା ସୁନିଶ୍ଚିତ କରିବାକୁ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଚେତ ଔଷଧ ଦୋକାନ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ପ୍ରତ୍ୟେକ ମଦ ଦୋକାନରେ ସିସିଟିଭି କ୍ୟାମେରା ଲଗାଯିବ। ଏଠାରେ ଶିଶୁମାନଙ୍କ ପ୍ରବେଶ ସମ୍ପର୍କରେ ଯାଞ୍ଚ କରାଯିବ। ସିଡବ୍ଲ୍ୟୁପିଓମାନେ ନିୟମିତ ସିସିଟିଭି ଯାଞ୍ଚ କରିବେ। ବ୍ୟତିକ୍ରମ କରୁଥିବା ଦୋକାନୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଓ ଅବକାରୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଦିଲୀପ ନାୟକ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ଜିଲା ଅବକାରୀ ଅଧିକାରୀ ବିବେକାନନ୍ଦ ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ବଇଣ୍ଡା,୨୩।୮(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର କିଆକଟା ଥାନା ଭଙ୍ଗାବଲିଆ ଗ୍ରାମର କୌଶିକ ମହାନ୍ତିଙ୍କ ଘରେ ଚଢାଉ କରାଯାଇ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ସେ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ପ୍ରଫୁଲ୍ଲ ପତି ଚଢାଉ କରିଥିଲେ।

## ମା'ସନ୍ତୋଷୀଙ୍କ ଜନ୍ମୋତ୍ସବ

କଣିହାଁ,୨୩।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ସନ୍ତୋଷୀଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ସେବକ ଆକୁଳ ପଣ୍ଡା ଭକ୍ତଙ୍କ ପ୍ରଦତ୍ତ ଦାନରେ ୨୩୨ ଜଣ ଗରିବ, ଅସହାୟ ଓ ଛୋଟ ପିଲାଙ୍କୁ ବସ୍ତ୍ର, ଛତା ଦାନ କରିଥିଲେ। ଜିଲାର ବିଭିନ୍ନ ଦେବଦେବୀଙ୍କ ସହ ମା' ହିଙ୍ଗୁଳା, ବାଟମଙ୍ଗଳାଙ୍କୁ ମନ୍ଦିରକୁ ନିମନ୍ତ୍ରଣ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ପୂଜକ ଅନନ୍ତ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ ପଣ୍ଡା ଓ ସଂଯୁକ୍ତା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲା।

## ସଂକ୍ଷେପରେ

### ୯ ଜୀବନ ନେଲା କରୋନା

ଢେଙ୍କାନାଳ ଅଫିସ,୨୩।୮- ଢେଙ୍କାନାଳ ଜିଲାରୁ ସୋମବାର ୧୨ ଜଣ କରୋନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୧୭ ଜଣ ସୁସ୍ଥ ହୋଇଥିବା ବେଳେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୪, ହିନ୍ଦୋଳ ବ୍ଲକରୁ ୨, କାମାକ୍ଷାନଗର ଏନ୍ଏସିରୁ ୨, ଓଡାପଡାରୁ ୨, ସଦର ବ୍ଲକରୁ ୧ ଓ ଅନ୍ୟ ଚିକିତ୍ସାଳୟର ଜଣେ ଚିହ୍ନଟ ହୋଇଛନ୍ତି। ଦିନକରେ ୫୯୧ ଟେଷ୍ଟିଂକୁ ମିଶାଇ ଜିଲାରେ ମୋଟ ୪ ଲକ୍ଷ ୧୪ ହଜାର ୪୦୮ ଟେଷ୍ଟ କରାଯାଇଛି। ମୋଟ୍ ୧୯ ହଜାର ୪୩୩ ସଂକ୍ରମିତଙ୍କ ମଧ୍ୟରୁ ୧୯ ହଜାର ୦୮୬ ଜଣ ସୁସ୍ଥ ହୋଇ ସାରିଛନ୍ତି। ୧୪୭ ଜଣ ଏବେ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିପରି ନୂଆ ୯ ମୃତ୍ୟୁକୁ ମିଶାଇ ମୋଟ୍ ମୃତ୍ୟୁ ସଂଖ୍ୟା ୨୦୦ରେ ପହଞ୍ଚିଛି।

### ରତ୍ନମୁଦ ଉତ୍ସବ

ପରଜଙ୍ଗ, ୨୩।୮(ଡି.ଏନ୍.ଏ.)- ପରଜଙ୍ଗ ବ୍ଲକ କନ୍ଦରସିଂହା ଗ୍ରାମରେ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣୀ ନଦୀରୁ ଅଣାଯାଇଥିବା ୧୦୮ କଳସ ପାଣିରେ ଜଳାଭିଷେକ କରାଯାଇଥିଲା। ଏହାପରେ ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା। କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ଯୁବ ବିଜେଡି ନେତା ଅସିତ କୁମାର ରାୟଚୌଧୁରୀ, ସୁବ୍ରତ ଦାସ, ମହିଳା ସଭାନେତ୍ରୀ ବିଳାସିନୀ ସେଠୀ ଉପସ୍ଥିତ ଥିଲେ। ମନ୍ଦିର କମିଟି ପକ୍ଷରୁ କୋଭିଡ୍ କଟକଣାରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଅମିତ କୁମାର ସାହୁ, ଅମନକାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନ,୨୩।୮(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ଥାନା ପ୍ରହରାଜପୁର ଗ୍ରାମର ସମୀର କୁମାର ଦାସ(୪୨)ଙ୍କ ମୃତଦେହ ସୋମବାର ସକାଳେ ଜମୁନାକୋଟ ଅଞ୍ଚଳରୁ ପୋଲିସ ଜବତ କରିଛି। ସମୀର ଶନିବାରଠାରୁ ଘରୁ କେଉଁଆଡେ ପଳାଇ ଯାଇଥିଲେ। ଏକ ଗଛରେ ରଶି ଲଗାଇ ଝୁଲୁଥିବାବେଳେ ଅଞ୍ଚଳବାସୀ ଦେଖି ପୋଲିକୁ ସୂଚନା ଦେଇଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ କାମାକ୍ଷାନଗର ଥାନାରେ ନଂ. ୩୭/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭାଲୁ ଆକ୍ରମଣରେ ଗାଈ ଚରାଳି ଗୁରୁତର

କାମାକ୍ଷାନଗର,୨୩।୮(ଡି.ଏନ.ଏ.)- କଙ୍କଡାହାଡ ଥାନା କଇରାଟାଙ୍ଗର ଗ୍ରାମର ଅଲେଖ ଦେହୁରୀ ସୋମବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲକୁ ଅଲେଖ ଗାଈ ଚରାଇବାକୁ ଯାଇଥିବାବେଳେ ଏକ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଫଳରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ କାମାକ୍ଷାନଗର ମେଡିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ମୁହଁ, ଜଙ୍ଘ ଓ ଗୋଡରେ ଗଭୀର କ୍ଷତ ଲାଗିଛି।

# ଅନିର୍ଦ୍ଦିଷ୍ଟ କାଳ ଯାଏ ହେବ କୋର୍ଟ ବର୍ଜନ

■ଆନ୍ଦୋଳନର ୧୪ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ
■ଓକିଲ ସଂଘ ଜରୁରୀ ବୈଠକରେ ଦୃଢ଼ ନିନ୍ଦା

ଢେଙ୍କାନାଳ ଅଫିସ,୨୩।୮


ଓକିଲ ସଂଘର ଜରୁରିକାଳୀନ ବୈଠକରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଓକିଲ ସଂଘ ସଭାପତି ଓ ଅନ୍ୟ ଜଣେ ସଭ୍ୟଙ୍କ ନାମରେ ଟାଉନ ଥାନା ଅଧିକାରୀ ମିଥ୍ୟା ମାମଲା ରୁଜୁ କରିବା ପ୍ରତିବାଦରେ ୩ ଦଫା ଦାବି ନେଇ ସଂଘ ଚଳାଇଥିବା ଆନ୍ଦୋଳନକୁ ୧୪ଦିନ ପୂରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସଂଘକୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ଏସ୍ପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହାକୁ ସୋମବାର ସଂଘର ଜରୁରିକାଳୀନ ବୈଠକରେ ଦୃଢ ନିନ୍ଦା କରାଯାଇଛି। ଏଥିସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆଇନଜୀବୀମାନେ କୋର୍ଟ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ସହିତ ସିଭିଲ କୋର୍ଟ ମୁଖ୍ୟ ଦ୍ୱାର ସମ୍ମୁଖରେ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସିଏସ୍ଆଇ କୋର୍ଟ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଜିଲାର କୌଣସି ଥାନାର ପୋଲିସ ଓ ମୁଦାଲାଙ୍କୁ କୋର୍ଟ ପରିସର ମଧ୍ୟକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ସ୍ଥିର କରାଯାଇଛି।

ସଂଘ ସଭା ଗୃହରେ ଅନୁଷ୍ଠିତ ବୈଠକରେ ସଭାପତି ସଞ୍ଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ୧୪ ଦିନ ଧରି ଧର୍ମଘଟ ଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହାକୁ ବୈଠକରେ ଦୃଢ ନିନ୍ଦା କରାଯାଇଥିଲା। ଆସନ୍ତା ୩୧ ତାରିଖରେ ସଂଘର ପରବର୍ତ୍ତୀ ବୈଠକ ବସିବ ଓ ସେଥିରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଘର ବରିଷ୍ଠ ସଭ୍ୟ ଦୀପକ ପ୍ରସାଦ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶତପଥୀ, ନବ କିଶୋର ଗୁରୁ, ଓମ୍ ପ୍ରକାଶ ଶରଣ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ସୁରେଶ ଚନ୍ଦ୍ର ମହାପାତ୍ର, ସତ୍ୟପ୍ରିୟ ଶରଣ, ସୁବୋଧ କୁମାର ମହାନ୍ତି, ସୁବାସିନୀ ମହାକୁଡ, ସୁଧାଂଶୁ ଦଳେଇ, ପ୍ରକାଶ ଦାସ, ମାତୃ ପ୍ରସାଦ ନନ୍ଦ, ପ୍ରଶାନ୍ତ ରାଉତ, ପ୍ରକାଶ ଚନ୍ଦ୍ର ରାଉତ ଓ ଚିରଞ୍ଜୀବ ନନ୍ଦ ଉପସ୍ଥିତ ଥିଲେ। ସମ୍ପାଦକ ଟଙ୍କଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ସଂରକ୍ଷିତ ଜଙ୍ଗଲରେ ବୁଲୁଛି ଚିତାବାଘ

**ଟ୍ରାପ୍ କ୍ୟାମେରାରେ ଫଟୋ ଉତ୍ତୋଳନ**

ଢେଙ୍କାନାଳ ଅଫିସ,୨୩।୮

ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚିତାବାଘ ଥିବା ବନ ବିଭାଗର ଟ୍ରାପ୍ କ୍ୟାମେରାରୁ ଜଣାପଡିଛି। ଜିଲାର ଏକ ସଂରକ୍ଷିତ ଜଙ୍ଗଲରେ ଚିତାବାଘ ବୁଲୁଥିବା ଗତ ୧୫ ତାରିଖରେ ଟ୍ରାପ କ୍ୟାମେରାରେ ଚିତ୍ର ଉତ୍ତୋଳନ ହୋଇଥିଲା। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ଟ୍ୱିଟ୍ ମାଧ୍ୟମରେ ଜଣାଇଛନ୍ତି। କିନ୍ତୁ ସରକାରଙ୍କ ନିୟମ ଅନୁଯାୟୀ ବାଘ ଥିବା ଜଙ୍ଗଲର ନାମକୁ ସାଧାରଣରେ ପ୍ରକାଶ କରାଯିବ ନାହିଁ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ଏ ସଂକ୍ରାନ୍ତରେ ସୂଚନା ପ୍ରଦାନ କରି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଜିଲାରେ ଏକ ଜଙ୍ଗଲରେ ଗତ ୧୫ ତାରିଖରେ ଟ୍ରାପ୍ କ୍ୟାମେରା ଦ୍ୱାରା ଚିତାବାଘ ବୁଲୁଥିବା ଫଟୋ ଆସିଛି। କିନ୍ତୁ କେଉଁ ଜଙ୍ଗଲରେ ବାଘ ବୁଲୁଛି, ଆମେ ତାହା କହିପାରିବୁ ନାହିଁ। ପ୍ରାୟ ୧ବର୍ଷ ହେବ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଇବା ପରେ ୭/୮ଟି ଚିତାବାଘ ଥିବା ଆମ ନଜରରେ ଆସିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୨ଟି କ୍ୟାମେରା ଲଗାଯାଇଛି। ଅଧିକ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଇବା ପରେ ବାଘ ସଂଖ୍ୟା କେତେଅଛି ତାହା ସ୍ପଷ୍ଟ ଜଣାପଡିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।



ଢେଙ୍କାନାଳର ଏକ ସଂରକ୍ଷିତ ଜଙ୍ଗଲରେ ଚିତାବାଘ ବୁଲୁଥିବାର ଦୃଶ୍ୟ।

# ପିଇଓଙ୍କୁ ଘେରିଲେ ସ୍ଥାନୀୟ ବାସିନ୍ଦା


ଆନ୍ଦୋଳନକାରୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**କାମାକ୍ଷାନଗର,୨୩।୮(ଡି.ଏନ.ଏ.)**
ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତରଅନ୍ତର କରାଯାଉଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପିଇଓ ଦିଲେଶ୍ୱର ସାହୁଙ୍କୁ ଘେରାଉ କରିଥିଲେ। ଏଥିସହିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ପଞ୍ଚାୟତରେ ଧନୀକ ଓ ମୁଷ୍ଟିମେୟ ଶ୍ରେଣୀର ଲୋକମାନଙ୍କୁ ଘର ପ୍ରଦାନ କରାଯାଇଛି। ହେଲେ ଗରିବ ଲୋକଙ୍କୁ ଘର ପ୍ରଦାନ କରାଯାଇ ନାହିଁ। ଯେପର୍ଯ୍ୟନ୍ତ ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯାଇ ନାହିଁ, ସେ ଯାଏ ଆନ୍ଦୋଳନ ଚାଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହାପରେ ଆନ୍ଦୋଳନକାରୀ କାମାକ୍ଷାନଗର ବ୍ଲକ ଆସି କିଛି ସମୟ ଧାରଣାରେ ବସିଥିଲେ। ପରେ ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ଭେଟି ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ଏ ସମ୍ପର୍କରେ ବିଡିଓ ବିକାଶ କୁମାର ମହାନ୍ତି କହିଛନ୍ତି, ଘଟଣା ନେଇ ତଦନ୍ତ କରାଯିବ।

### ସାନ ଭାଇଙ୍କୁ ଆକ୍ରମଣ, ବଡ଼ ଗିରଫ

**କଣିହାଁ,୨୩।୮(ଡି.ଏନ.ଏ.)**

ସାନ ଭାଇଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ସମଲ ଥାନା ପୋଲିସ ବଡ଼ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଝୁଲାଖୁଣ୍ଟିଆ ଗ୍ରାମର ସୁବାସ ଚନ୍ଦ୍ର ଗଡ଼ନାୟକ(୫୦)। ପୋଲିସ କହିଛି, ଝୁଲଖୁଣ୍ଟିଆ ଗ୍ରାମର ଜଗନ ମୋହନ ଗଡ଼ନାୟକ(୪୫) ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ଏହି କଥା ତାଙ୍କ ବଡ଼ ଭାଇ ସୁବାସ ଜାଣିବା ପରେ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସୁବାସ ଉତ୍କ୍ଷିପ୍ତ ହୋଇ ଏକ କାଙ୍କରେ ଜଗନ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏ ନେଇ ସୋମବାର ଜଗନ ସମଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୮୧/୨୦୨୧ରେ ମାମଲା ରୁଜୁ କରିଛି।

# ଟାଟାଷ୍ଟିଲ ବିଏସ୍ଏଲ୍‌କୁ ଆଇସିଟି ପୁରସ୍କାର

ଢେଙ୍କାନାଳ ଅଫିସ,୨୩।୮

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ନରେନ୍ଦ୍ରପୁରଠାରେ ପ୍ରତିଷ୍ଠିତ ଟାଟାଷ୍ଟିଲ ବିଏସ୍ଏଲକୁ ମାନୁଫାକ୍ଚରିଂ କ୍ଷେତ୍ରରେ ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା ଶାଖା ପକ୍ଷରୁ ଇନଫର୍ମେଶନ ଓ କମ୍ୟୁନିକେଶନ ଟେକ୍ନୋଲୋଜି ପୁରସ୍କାର-୨୦୨୧(ଆଇସିଟି) ପାଇଁ ମନୋନୀତ କରାଯାଇଛି। କରୋନା ସମୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ମଧ୍ୟରେ କମ୍ପାନୀର କାରବାର ଚଳାଇବାରେ ଉତ୍କର୍ଷତା ପାଇଁ ଭାରତୀୟ ଶିଳ୍ପ ମହାସଂଘର ବିଚାରକ ମଣ୍ଡଳୀ କମ୍ପାନୀକୁ ଦ୍ୱିତୀୟସ୍ଥାନ ପ୍ରଦାନ କରିଛନ୍ତି। କର୍ମଚାରୀଙ୍କ ମୁହଁକୁ କ୍ୟାମେରାରେ ଦେଖି ପ୍ଲାଣ୍ଟ ଭିତରକୁ ଅନୁମତି ପ୍ରଦାନ କରିବା ଏକ ଅନନ୍ୟ ଯୋଜନା। ଏହା କର୍ମଚାରୀଙ୍କ ଉପସ୍ଥାନ ସହ ମାସ୍କ ବ୍ୟବହାର ଓ ଶରୀରର ଉତ୍ତାପ ମଧ୍ୟ ମାପିଥାଏ। ଏହି ଡାଟାବେସ୍ ଜରିଆରେ ମାନବ ସମ୍ବଳ, ସୁରକ୍ଷା ତଥା କଣ୍ଟ୍ରାକ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ ସଂଯୋଗ କରାଯାଇ ଏକାଧିକ କାର୍ଯ୍ୟକୁ ପରିଚାଳନା କରାଯାଉଛି। ସେହିପରି କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା, ଟିକାକରଣ, ସୁରକ୍ଷା ଯାଞ୍ଚ ଓ ଅଡିଟ୍ ଆଦି ପରିସଂଖ୍ୟାନର ବିଶ୍ଳେଷଣ ପାଇଁ ଆଇଟି ଡାଟାବେସ୍‌ର ବ୍ୟାପକ ବ୍ୟବହାର, ଡ୍ରୋନ୍ କ୍ୟାମେରାରେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତାର ଯାଞ୍ଚ ଆଦି ପଦକ୍ଷେପ ଅନେକ ଉପଯୋଗୀ ହୋଇଛି। ଏତଦ୍‌ବ୍ୟତୀତ କୋଭିଡ୍ ମହାମାରୀର ମୁକାବିଲା କରି କମ୍ପାନୀ କାରବାରର ସୁପରିଚାଳନା ପାଇଁ ମାନବ ସମ୍ବଳ, ଆର୍ଥିକ କାରବାର, ପରିବହନ ଆଦି କ୍ଷେତ୍ରରେ ମଧ୍ୟ କମ୍ପାନୀ ପକ୍ଷରୁ ଆଇଟିର ବ୍ୟାପକ ଉପଯୋଗୀ ହୋଇଛି ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।


କର୍ମଚାରୀଙ୍କ ମୁହଁ କ୍ୟାମେରାରେ ଦେଖି ପ୍ଲାଣ୍ଟ ଭିତରକୁ ଅନୁମତି ପ୍ରଦାନ କରାଯାଉଛି।

# ବେଆଇନ ଲିଜ୍ ପ୍ରଦାନର ତଦନ୍ତ ଦାବି

**ହିନ୍ଦୋଳ,୨୩।୮(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତ ଆମ୍ବିଠି ଗ୍ରାମର ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ସରକାରୀ ଜମି ଲିଜ୍ ଆକାରରେ ହାତେଇ ଥିବା ସୋମବାର ଉପଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଆମ୍ବିଠି ଗ୍ରାମର ସମ୍ପୃକ୍ତ ଦୁଇ ଭାଇ ଚକ୍ରାନ୍ତ କରି ବେଆଇନ ଭାବେ ୩ ଗୋଟି ଜମି ଲିଜ୍ ହିନ୍ଦୋଳ ତହସିଲରୁ ହାତେଇ ନେଇଛନ୍ତି। ଆମ୍ବିଠି ମୌଜା ଖାତା ନଂ. ୧୪୬/୨୪, ପ୍ଲଟ୍ ନଂ. ୧୫୩/୨୨୮୭ରେ ୪ ଡେସିମିଲି ଏବଂ ଖାତା ନଂ. ୨୯୫, ପ୍ଲଟ ନଂ ୧୫୩/୨୦୨୯ରେ ୪ ଡେସିମିଲି ଜମି, ଖାତା ନଂ ୧୪୬/୨୫, ପ୍ଲଟ ନଂ. ୧୫୩/୨୨୮୮ରେ ୪ ଡେସିମିଲ, ଖାତା ନଂ. ୨୯୭, ପ୍ଲଟ ନଂ ୧୫୩/୨୦୩୧ରେ ୪ ଡେସିମିଲ ଏବଂ ଖାତା ନଂ ୩୯୭, ପ୍ଲଟ ନଂ. ୧୫୩/ ୨୧୩୫ରେ ୮ ଡେସିମିଲି. ଜମି ଲିଜ୍ ପାଇଛନ୍ତି। ଏହି ଦୁଇ ଭାଇ ସ୍ୱଚ୍ଛଳ ବର୍ଗର। ତାଙ୍କର ଅନେକ ଜମିବାଡ଼ି ରହିଛି। ମାତ୍ର ଗ୍ରାମବାସୀଙ୍କ ମଧ୍ୟରୁ ଅନେକ ଗରିବ ଓ ଭୂମିହୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ଜାଗା ଖଣ୍ଡେ ମିଳି ପାରୁ ନାହିଁ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି। ଉପଜିଲାପାଳ ଉଦୟ କୁମାର ମହାପାତ୍ର ଅଭିଯୋଗ ଗ୍ରହଣ କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୨୩।୮(ସ୍ୱ.ପ୍ର.)**
ଛେଣ୍ଡିପଦା ପୋଲିସ ସୋମବାର ସକାଳେ ଦେବଗଡ଼ ଛକ ନିକଟରେ ଚଢାଉ କରି ଏକ ଗଞ୍ଜେଇ ବୋଝେଇ କାର୍ ଜବତ କରିଛି। ଏହି ଘଟଣାରେ ନାକିଟିଦେଉଳ ଥାନା ବାଟ ଗାଁ ଅଞ୍ଚଳର ଚାଳକ ଗୋବିନ୍ଦ ଚନ୍ଦ୍ର ନାଏକଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଅନୁଗୋଳରୁ ଦେବଗଡ ଅଭିମୁଖେ ଯାଉଥିବା ଏକ କାରକୁ ଅଟକାଇ ଯାଞ୍ଚ କରାଯିବା ବେଳେ ୭୦ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ନଂ. ୩୧୦/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି।

# ଜଣେ ମୃତ, ୪ ଗୁରୁତର

**ସିରିଜ୍ ଦୁର୍ଘଟଣା ଘଟଣା**

ଅନୁଗୋଳ ଅଫିସ,୨୩।୮

ଅନୁଗୋଳ ଜିଲା ଜରପଡ଼ା ଥାନା କତଡ଼ା ଅଞ୍ଚଳରେ ରବିବାର ରାତିରେ ଘଟିଥିବା ସିରିଜ ଦୁର୍ଘଟଣାରେ ଗୁରୁତର ଥିବା ବଡ଼କେରଜାଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ରାଉତ(୬୩)ଙ୍କ ସୋମବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଗୁରୁତର ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମୃତ ଦୁର୍ଯ୍ୟୋଧନ ତାଙ୍କ ପୁଅକୁ ଧରି ତୁକୁଡ଼ାରେ ବିବାହ କରିଥିବା ଝିଅ ଘରକୁ ଯାଇଥିଲେ। ସେଠାରୁ ଘରକୁ ଫେରିବାବେଳେ କତଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଦୁର୍ଯ୍ୟୋଧନଙ୍କ ସହ ତାଙ୍କ ପୁଅ ସନ୍ତୁ ରାଉତ ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେହିଭଳି ଅନ୍ୟ ଦୁଇ ଜଣ ବାଇକ୍ ଚାଳକଙ୍କୁ ଉକ୍ତ ଟ୍ରକ୍‌ଟି ଧକ୍କା ଦେଇଥିଲା। ଫଳରେ ସେମାନେ ଗୁରୁତର ହୋଇଥିଲେ।

# ୩୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଢେଙ୍କାନାଳ ଅଫିସ,୨୩।୮

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କର୍କଟ ରୋଗ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବମ୍ବେର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ଦିନଶ ପେଣ୍ଡାରକର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶମାନ ଦେଇଥିଲେ। ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର ଡା. ଲଲାଟେନ୍ଦୁ ଷଡଙ୍ଗୀ ଓ ଏନ୍‌ସିଡିର ଅତିରିକ୍ତ ନିର୍ଦ୍ଦେଶକ ଡା. ସୁଶାନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଭେଷଜ ବିଭାଗର ଡା. ରାଜକିଶୋର ସେଠୀ ରୋଗୀମାନଙ୍କୁ କେମୋ ଥେରାପି ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡା. ଜୟକୃଷ୍ଣ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଷ କୁମାର ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିଚାଳିକା ଅଲିଭା ଆଚାର୍ଯ୍ୟ ଓ ଏପିଡେମିଓଲୋଜିଷ୍ଟ କଲ୍ଲୋଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟ ଅଧିକାରୀମାନେ।

# ତୃତୀୟ ଲହର ପାଇଁ ସତର୍କ ରୁହ

ଢେଙ୍କାନାଳ ଅଫିସ,୨୩।୮


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲରେ ସୋମବାର ଜିଲାରେ କୋଭିଡ୍ ପରିଚାଳନାର ସମୀକ୍ଷା କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ପରିଚାଳନାର ସମୀକ୍ଷା କରି ତୃତୀୟ ଲହରକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଶିଶୁମାନେ କୋଭିଡ୍‌ରେ ଅଧିକ ଆକ୍ରାନ୍ତ ହେବାର ଆଶଙ୍କା ଥିବାରୁ ଅଭିଭାବକମାନେ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ଆଶାକର୍ମୀ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଜାଗ ରହିବାକୁ ଜିଲାପାଳ କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସ୍ୱାସ୍ଥ୍ୟ ଅଧିକାରୀମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ତୃତୀୟ ଲହରର ଉଚିତ ମୁକାବିଲା ନିମନ୍ତେ ବିଡିଓ, ତହସିଲଦାର ଓ ସିଡିପିଓମାନେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ସମ୍ପ୍ରତି ହାଇସ୍କୁଲକୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କର ଆଣ୍ଟିଜେନ୍ ଓ ଆର୍‌ଟିପିସିଆର ଟେଷ୍ଟ କରାଯିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ନିୟମିତ ଭାବେ ଟେଷ୍ଟ ହେଲେ ସଂକ୍ରମିତ ଚିହ୍ନଟ ହେବା ସହିତ ସଂକ୍ରମଣକୁ ହ୍ରାସ କରାଯାଇ ପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜିଲାରେ ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ଡିସେମ୍ବର ସୁଦ୍ଧା ଜିଲାବାସୀଙ୍କ ଟିକାକରଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସଚେତନ ହୋଇ ଆନ୍ତରିକତାର ସହ ସାମୂହିକ ଉଦ୍ୟମ କଲେ ଜିଲାରୁ କରୋନା ସଂକ୍ରମଣ ଦୂର ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଆପାତକାଳୀନ ଅଧିକାରୀ ସ୍ମୃତି ରଞ୍ଜନ ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ରାୟ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# 'ନାରୀ ଚରିତ୍ର ଚିତ୍ରଣ ଅନନ୍ୟ'

ଅନୁଗୋଳ ଅଫିସ,୨୩।୮

ଅନୁଗୋଳ ଜିଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ନବଜୀବନ ମଣ୍ଡଳଠାରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି କୁମୁଦ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉପସଭାପତି ଶାନ୍ତନୁ ସର ଯୋଗଦେଇ ମେହେରଙ୍କ କାବ୍ୟରେ ନାରୀ ଚରିତ୍ର ଚିତ୍ରଣ ଅନନ୍ୟ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପିକା ରମାମଞ୍ଜରୀ ଗଡ଼ନାୟକ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଲକ୍ଷ୍ମଣ କୁମାର ସାହ୍, ମନୋଜ ନାୟକ, ଅରୁଣ କୁମାର ସାହୁଙ୍କ ସମେତ ଜିଲାର ବହୁ ସାହିତ୍ୟିକ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ଯୁକ୍ତ ୩ କଲେଜ ପରିସରରେ କିଶୋର ସାହିତ୍ୟ ସଂସଦ ପକ୍ଷରୁ ଜୟନ୍ତୀ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମହେନ୍ଦ୍ର ହାଇସ୍କୁଲ ପ୍ରଧାନଶିକ୍ଷକ ଦେବରାଜ ନାୟକ, ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ପବିତ୍ରମୋହନ ପ୍ରଧାନ, ରଞ୍ଜିତ ସାହୁ, ଅଧାପକ ଜୟକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ। ସର୍ଶର୍ମିଷ୍ଠା ସାହୁଙ୍କ ସଂଯୋଜନାରେ କବି ଆକାଶ ସାହୁ, ବାସବ ପଲେଇ, ସୁନୀଲ ପ୍ରଧାନ, କୁଳମଣି ମେହେର, ଆକାଶ ଦାସ କବିତା ପାଠ କରିଥିଲେ। ଗୌରଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ହାଇସ୍କୁଲ ପରିସରରେ ଜୟନ୍ତୀ ଉତ୍ସବରେ ପ୍ରଧାନ ଶିକ୍ଷକ ଜୟନ୍ତ ମାହାରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରାଶର ମେଣ୍ଡୁଲି ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମ ଅବସରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ନ୍ୟାୟ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ



ହିନ୍ଦୋଳ,୨୩।୮ (ଡି.ଏନ.ଏ.)- ହିନ୍ଦୋଳ ବ୍ଲକ ରାସୋଳ ତଳପାଟଣା ଗ୍ରାମର ପ୍ରମିଳା ନାୟକ (୫୦)ଙ୍କୁ ତାଙ୍କ ସ୍ୱାମୀ ଓ ଦୁଇ ପୁଅ ନିର୍ଯାତନା ଦେଉଥିବା ଅଭିଯୋଗ କରି ସୋମବାର ପ୍ରମିଳା ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରମିଳା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ମାସେ ହେବ ସ୍ୱାମୀ ସୁରିଆ ନାୟକ ଓ ଦୁଇ ପୁଅ ବିନା କାରଣରେ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରୁଛନ୍ତି। ଏଥିସହିତ ଘରେ ପଶିଲେ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏ ନେଇ ରାସୋଳ ଥାନାରେ ଜଣାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ସେ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି। ପ୍ରମିଳାଙ୍କ ଅଭିଯୋଗକୁ ଗ୍ରହଣ କରି ଉପଜିଲାପାଳ ଉଦୟ କୁମାର ମହାପାତ୍ର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାସୋଳ ପୋଲିସକୁ ଆଦେଶ ଦେଇଥିବା ଜଣାପଡ଼ିଛି।

### ସ୍ୱାମୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

ଆନନ୍ଦପୁର,୨୩।୮ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୁତାର ଏସ୍‌ଟି କେସ୍ (ନଂ.୫୮/୨୦୧୮)ରେ ଭାରତୀୟ ଦଣ୍ଡବିଧି ଆଇନର ୪୯୮ (କ), ୩୨୬, ୩୦୭ ଧାରାରେ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଚନ୍ଦନ ନାଥଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ, ଆନନ୍ଦପୁର ଥାନା ଅଧୀନ ଫକିରପୁର ଗାଁର ଚନ୍ଦନ ୨୦୧୮ ଅଗଷ୍ଟ ୨୩ ସନ୍ଧ୍ୟାରେ ପାରିବାରିକ କଳହକୁ କେନ୍ଦ୍ର କରି ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ତାଙ୍କ ଶ୍ୱଶୁର ସାଧୁ ଚରଣ ନାଥଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୫୫/୧୮) ରୁଜୁ କରି ତାଙ୍କୁ ଗିରଫ କରିଥିଲା।

### ଡକାୟତ ଗିରଫ,ବାଇକ୍ ଜବତ

ବାରିପଦା ଅଫିସ,୨୩।୮-ମୟୂରଭଞ୍ଜ ଜିଲା ଚାନ୍ଦୁଆ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଡକାୟତ ଦଳକୁ ପିଛା କରି ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ରଙ୍ଗାମାଟିଆ ଅଞ୍ଚଳର ଭରତ ମାଇତି(୨୧)। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର, ଏଟିଏମ୍ କାର୍ଡ ଓ ଏକ ବାଇକ୍ ଜବତ ହୋଇଛି। ପୋଲିସ ମାମଲା (ନଂ.୭୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରୁ ଏକ ବାଇକ୍‌ରେ ୩ ଅଭିଯୁକ୍ତ ଯାଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ୨ଜଣ ଖସି ପଳାଇଥିବା ବେଳେ ଜଣଙ୍କୁ ପୋଲିସ କାବୁ କରିଛି।

### କେନାଲରୁ ମହିଳାଙ୍କ ମୃତଦେହ ଜବତ

ବାରିପଦା ଅଫିସ/ କୁଳିଅଣା,୨୩।୮ (ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ହାତୀମଡ଼ା ଗ୍ରାମସ୍ଥିତ କେନାଲରୁ ସୋମବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଜୟନ୍ତୀ ବିନ୍ଧାଣୀ(୩୫)। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୧) ରୁଜୁ ହୋଇଛି। ରବିବାର ଅପରାହ୍ନରେ ଜୟନ୍ତୀ ଶୌଚ ପାଇଁ ନିକଟସ୍ଥ କେନାଲକୁ ଯାଇଥିଲା ବେଳେ ଅସାବଧାନତା ଯୋଗୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୈଶିଙ୍ଗା,୨୩।୮ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସାନଖିରିପଦା ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ରାତିରେ ପୋଲିସ ଜବତ କରିଛି। ମୃତକ ହେଲେ ରୁହ୍ୟା ବେଶ୍ରା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ସକାଳୁ ବର୍ଷା ଲାଗି ରହିଥିବା ସମୟରେ ରୁହ୍ୟା ମାଛ ଧରିବା ପାଇଁ କହି ଘରୁ ବାହାରି ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ଏନେଇ ଅପମୃତ୍ୟୁ ମାମଲା(ନଂ.୨୯/୨୧) ରୁଜୁ କରାଯାଇ ଏସ୍ଆଇ ଅନିତା ସ୍ୱାଇଁ ତଦନ୍ତ କରୁଛନ୍ତି।

# ଅଦରକାରୀ ସାମଗ୍ରୀରେ କୃଷି ଯନ୍ତ୍ରପାତି

- ପ୍ରତିଭା ଦେଖାଇଲେ ଚାଷୀ ପ୍ରତାପ ମହାକୁଡ଼
- ନିର୍ମାଣ କଲେ ମିନି ପାୱାରଟିଲର
- କୀଟନାଶକ ସ୍ପ୍ରେ ମେଶିନ

ଛେଣ୍ଡିପଦା,୨୩।୮ (ଅଜିତ ଧଳ)



ନିଜେ ନିର୍ମାଣ କରିଥିବା ମିନି ପାୱାରଟିଲରରେ ଚାଷ କରୁଛନ୍ତି ପ୍ରତାପ ଦଣ୍ଡପାଟ।



ପାଣି ବୋତଲରେ ତିଆରି କରିଥିବା କୀଟନାଶକ ସ୍ପ୍ରେ ମେଶିନ।

ଅର୍ଥ ଅଭାବ ଚାଷ କାର୍ଯ୍ୟରେ ବାଧକ ସାଜୁଥିଲା। ଜମି ଚଷିବାକୁ ବଳଦ ନ ଥିଲା। ଟଙ୍କା ଦେଇ ଟ୍ରାକ୍ଟରରେ ହଳ କରିବା ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। କିନ୍ତୁ ନିଜ ଜମିରେ ଫସଲ ଫଳାଇବାର ଇଚ୍ଛା ତାଙ୍କୁ କୃଷିକ୍ଷେତ୍ରରୁ ଦୂରେଇ ରଖି ପାରୁ ନ ଥିଲା। ତେଣୁ ଘରେ ଥିବା ଅଦରକାରୀ ଲୁହା ସାମଗ୍ରୀ ଓ ପୁରୁଣା ବାଇକ୍‌ରେ ସେ ଏକ ମିନି ପାୱାରଟିଲର ତିଆରି କରିବାକୁ ମନ ବଳାଇଲେ। ଲୁହା ଅଭାବ ପଡ଼ିବାରୁ ଅଳ୍ପ କିଛି ଅର୍ଥ ଦେଇ କବାଡ଼ିଆ ଖାନାରୁ ତାହା ସଂଗ୍ରହ କଲେ। ଏବେ ତାଙ୍କ ଦ୍ୱାରା ନିର୍ମାଣ ହୋଇଥିବା ମିନି ପାୱାରଟିଲର ଜମି କାଦୁଅ କରୁଛି। ପୁରୁଣା ପାଣି ବୋତଲରେ ତିଆରି କରିଥିବା କୀଟନାଶକ ସ୍ପ୍ରେ ମେଶିନ ଫସଲରୁ ରୋଗପୋକ ମାରିବାରେ ସହାୟକ ହେଉଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୁଟଗାଡିଆ ଗ୍ରାମର ଚାଷୀ ପ୍ରତାପ ଦଣ୍ଡପାଟଙ୍କ ଏହି ନିଆରା ଉଦ୍‌ଭାବନକୁ ନେଇ ଏବେ ଆଖପାଖ ଅଞ୍ଚଳରେ ବେଶ୍ ଚର୍ଚ୍ଚା ଚାଲିଛି।

କୋରଡା ପଞ୍ଚାୟତର ଚାଷୀ ପ୍ରତାପଙ୍କ କହିବା ଅନୁଯାୟୀ, ଅନ୍ୟ କିଛି ଆୟ ନ ଥିବାରୁ ଚାଷ ଉପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ନିର୍ଭରଶୀଳ। କିନ୍ତୁ ଅତ୍ୟନ୍ତ ଗରିବ ହୋଇଥିବାରୁ କୃଷି ଯନ୍ତ୍ରପାତି କିଣି ଚାଷରେ ବ୍ୟବହାର କରିବାକୁ ତାଙ୍କର ସମ୍ବଳ ନ ଥିଲା। ଏପରି କି ପ୍ରତିବର୍ଷ ବିଲ ହଳ କରିବା ପାଇଁ ତାଙ୍କୁ ଧାର କରଜ କରିବାକୁ ପଡୁଥିଲା। ତେଣୁ ନିଜେ କିପରି ଏହି ସମସ୍ୟାର ସମାଧାନ କରିବେ, ସେହି ଚିନ୍ତା କଲାବେଳେ ଘରେ ଥିବା ପୁରୁଣା ବାଇକ୍ ଓ ଲୁହା ସାମଗ୍ରୀ ଉପରେ ନଜର ପଡ଼ିଥିଲା। ଏସବୁକୁ ବ୍ୟବହାର କରି ଜମି ଚଷି ହେବ ବୋଲି ତାଙ୍କ ଭିତରେ ବିଶ୍ୱାସ ଆସିବା ପରେ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ। ଚଳିତବର୍ଷ ସେହି ମେଶିନ ସହାୟତାରେ ଜମି ଚାଷ କରୁଥିବା ପ୍ରତାପ ପ୍ରକାଶ କରିଛନ୍ତି।

**ଅଳ୍ପ ଖର୍ଚ୍ଚରେ ହଳ କରିହେଉଛି**



ଚାଷୀ ପ୍ରତାପ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ନିଜସ୍ୱ ଉଦ୍ୟମ ଓ ଅଳ୍ପ ଖର୍ଚ୍ଚରେ ନିଜ ଜମି କିପରି ଚାଷ କରିହେବ ସେ ତାହାର ଉଦାହରଣ ଦେଇଛନ୍ତି। ଟ୍ରାକ୍ଟରରେ ହଳ କଲେ ଅଧିକ ଖର୍ଚ୍ଚ ହେଉଥିବା ବେଳେ ପ୍ରତାପ ବହୁ କମ୍ ଖର୍ଚ୍ଚରେ ଜମି ହଳ କରିପାରୁଛନ୍ତି।

-ବାପୁଜୀ ଦେହୁରୀ, ଗ୍ରାମବାସୀ

**ବିଶ୍ୱାସ କରୁ ନ ଥିଲୁ**



ଅଦରକାରୀ ସାମଗ୍ରୀରେ ଚାଷୀ ପ୍ରତାପ କୃଷି ଯନ୍ତ୍ରପାତି ତିଆରି କରିପାରିବେ ବୋଲି ବିଶ୍ୱାସ ହେଉ ନ ଥିଲା। ହେଲେ ସେ ଯେତେବେଳେ ବିଲରେ ହଳ ଆରମ୍ଭ କଲେ ତାହା ଆଶ୍ଚର୍ଯ୍ୟ କରିଦେଲା। ତାଙ୍କ ଦ୍ୱାରା ନିର୍ମିତ ମେଶିନ ଦେଖିବାକୁ ଅନେକ ଲୋକ ଆସୁଛନ୍ତି।

-ଲମ୍ବୋଦର ଦଣ୍ଡପାଟ, ପୁଟଗାଡିଆ

**କୃଷି ବିଭାଗ ମାର୍ଗଦର୍ଶନ କରୁ**



ଚାଷୀଟିଏ ହେଲେ ମଧ୍ୟ ପ୍ରତାପଙ୍କ ମଧରେ ପ୍ରତିଭା ରହିଛି। ଅଦରକାରୀ ପାଣି ବୋତଲରେ କୀଟନାଶକ ସ୍ପ୍ରେ ମେଶିନ, ଜମିରେ ପଟି କରିବା ନିମନ୍ତେ ଲଙ୍ଗଳ, ପାୱାରଟିଲର ତିଆରି କରିଛନ୍ତି। କୃଷି ବିଭାଗ ମାର୍ଗଦର୍ଶନ କଲେ ସେ ଆଗକୁ ଆହୁରି ଭଲ କୃଷି ଯନ୍ତ୍ରପାତି ତିଆରି କରିପାରିବେ।

ଅନିଲ ପ୍ରଧାନ, କୋରଡା ସରପଞ୍ଚ

**କୃଷି ବିଭାଗ ପ୍ରୋତ୍ସାହନ ଦେବ**



ପ୍ରତାପଙ୍କ ଏପରି ଉଦ୍‌ଭାବନ ସମ୍ପର୍କରେ ଖବର ନ ଥିଲା। କମ୍ ଖର୍ଚ୍ଚରେ ଓ ନିଜସ୍ୱ ଜ୍ଞାନ କୌଶଳରେ ସେ କିପରି ଅଧିକ କୃଷି ଯନ୍ତ୍ରପାତି ନିର୍ମାଣ କରିବେ, ସେ ନେଇ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ରାଜ୍ୟସ୍ତରୀୟ ଅଭିନବ କୃଷି ଯନ୍ତ୍ରପାତି ପୁରସ୍କାର ପ୍ରଦାନ ପାଇଁ ସୁପାରିଶ କରାଯିବ।

-ବିନୋଦ କୁମାର ଦଳେଇ, ବ୍ଲକ କୃଷି ଅଧିକାରୀ, ଛେଣ୍ଡିପଦା

# ମେହେର ଜୟନ୍ତୀ, ରକ୍ଷାବନ୍ଧନ ଉତ୍ସବ

ଢେଙ୍କାନାଳ ଅଫିସ,୨୩।୮

ଢେଙ୍କାନାଳ ଜିଲା ଗଁଦିଆ ଥିଙ୍କର୍ସ ଫୋରମ, ଆଞ୍ଚଳିକ ସେବା ସଙ୍ଗଠନ ଓ ଜିଲା ଲେଖକ ପରିଷଦ ପକ୍ଷରୁ ଥିଙ୍କର୍ସ ଫୋରମ ସଭାଗୃହଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ସୁବ୍ରତ କୁମାର ସାହୁ, ସେବା ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ ଓ ଜିଲା ଲେଖକ ସଂସଦ ସଭାପତି ଭିକାରୀ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲାପାଳ ସନାତନ ମଲିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସାରଙ୍ଗଧର ମିଶ୍ର, ସାହିତ୍ୟିକ ବସନ୍ତ କୁମାର ପଟ୍ଟନାୟକ, ସାହିତ୍ୟ ଏକାଡେମୀ ସଦସ୍ୟ ଡା. ପୁଷ୍ପଲତା ରଥ ଯୋଗଦେଇ ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଲେଖକ ସଂସଦ କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ଦ୍ୱିବେଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବୟିତ୍ରୀ ସୁକାନ୍ତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୋରୁହଖୋଜ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷା ବନ୍ଧନ ଓ ପରେ କବିତା ଆସର ବିପିନ ବିହାରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଶୁଭଦର୍ଶିନୀ ପରିଡା, ମାନସୀ କର ଓ ବୈକୁଣ୍ଠ ବିହାରୀ ସ୍ୱାଇଁ ସଂଯୋଜନା କରିଥିଲେ। କବି ହରିହର ସାହୁ, ରାଘବଚନ୍ଦ୍ର ମହାରଣା, ସାରଙ୍ଗଧର ମିଶ୍ର ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। କବି କାଳନ୍ଦୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଢେଙ୍କାନାଳ ଆମେଚର ତାଇକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ ସହରସ୍ଥିତ ମମତା ମଣ୍ଡପଠାରେ ରବିବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆସୋସିଏଶନ୍‌ର ସମସ୍ତ ଭଉଣୀମାନେ ଉପସ୍ଥିତ ରହି ଭାଇମାନଙ୍କ ହାତରେ ରାକ୍ଷୀ ପିନ୍ଧାଇବା ସଙ୍ଗେ ସଙ୍ଗେ ଚନ୍ଦନ, ସିନ୍ଦୁର, ପୁଷ୍ପ ଓ ମିଷ୍ଟାନ୍ନ ପ୍ରଦାନ କରିଥିଲେ। ଏଥିସହ ପରସ୍ପରକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ଶେଷରେ ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ସୌମ୍ୟବ୍ରତ ସାହୁ ଛାତ୍ରୀଛାତ୍ରମାନଙ୍କୁ ଦିବସର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଇନ୍ଦ୍ରଜିତ୍ ସାହୁ, ପ୍ରତାପ ନାଏକ, ଆର୍ଯ୍ୟରତ୍ନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଆମେଚର ତାଇକୋଣ୍ଡୋ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଉଛି।

# ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ




ଜିଲା ଶ୍ରମ ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ଶ୍ରମିକମାନେ ପ୍ରତିବାଦ କରୁଛନ୍ତି।

ବାଲେଶ୍ୱର ଅଫିସ, ୨୩।୮

ବାଲେଶ୍ୱର ରେମୁଣା ବ୍ଲକ ଅଧୀନ ସୋମନାଥପୁର ଅଞ୍ଚଳରେ ଥିବା ଚାରମିନାର ଆଜବେଷ୍ଟସ୍ କମ୍ପାନୀରୁ ଛଟେଇ ହୋଇଥିବା ଜଣେ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜବେଷ୍ଟସ୍ ଶ୍ରମିକ ସଂଘ ପକ୍ଷରୁ ସୋମବାର ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବାଲେଶ୍ୱର ରେଳଷ୍ଟେଶନ ପରିସରରୁ ଶ୍ରମିକମାନେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ଏଡିଏମ୍ ଛକସ୍ଥିତ ଶ୍ରମ ଅଧିକାରୀ ଅଫିସ ସମ୍ମୁଖରେ ପହଞ୍ଚିଥିଲେ।

**ପୁନଃ ନିଯୁକ୍ତି ଦାବି**

ସେଠାରେ ସିଆଇଟିୟୁର ଜିଲା ଆବାହକ ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଗତ ଫେବୃୟାରୀରୁ ସଂଘ ତରଫରୁ ଶ୍ରମ ଅଧିକାରୀଙ୍କୁ ଚାଟାର୍ଡ଼ ଅଫ୍ ଡିମାଣ୍ଡ ଦିଆଯାଇଥିଲା। କିନ୍ତୁ କମ୍ପାନୀ କୋଭିଡ୍‌କୁ ବାହାନା କରି ଉକ୍ତ ଦାବିକୁ ଭ୍ରୂକ୍ଷେପ ନ କରି ଡିଏଲ୍‌ସିଙ୍କ ଚିଠିକୁ ଅବମାନନା କରିଆସୁଥିଲା। ଗତ ୧୦ତାରିଖରେ ଡିଏଲ୍‌ସିଙ୍କ ଚିଠି ଅନୁଯାୟୀ କମ୍ପାନୀ ତରଫରୁ ୟୁନିଅନ୍ ସହିତ ଆଲୋଚନା ପାଇଁ ଡିଏଲ୍‌ସି ଅଫିସକୁ କମ୍ପାନୀ ପ୍ରତିନିଧିମାନେ ଆସିଥିଲେ। କମ୍ପାନୀ ତରଫରୁ ବିନା କାରଣରେ ଚାରମିନାର ଆଜବେଷ୍ଟସ୍ ସଂଘ ସମ୍ପାଦକ ନିତ୍ୟାନନ୍ଦ ଜେନାଙ୍କୁ ଗତ ଅଗଷ୍ଟ ୭ତାରିଖରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନକୁ ବେଆଇନ ଦର୍ଶାଇ ସଂଘ ପକ୍ଷରୁ ବିରୋଧ କରାଯାଇଛି। ପୁନଃ ନିଯୁକ୍ତି ଦାବିରେ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପୂରଣ ନ ହୁଏ ତେବେ ଆଗାମୀ ଦିନରେ କାରଖାନାରେ ଧର୍ମଘଟ କରାଯିବା ପାଇଁ ସଂଘ ତରଫରୁ ଚେତାବନୀ ଦିଆଯାଇଛି।

### ୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ବାଲେଶ୍ୱର ଅଫିସ, ୨୩।୮

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର, ରେଲୱେ ଗେଟ୍ ନିକଟରୁ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ୨୮ହଜାର ୧୦୦ଟଙ୍କା ଜବତ କରାଯାଇଛି। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୨୩୬/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ଅଞ୍ଚଳର ଏସ୍‌କେ ବାବୁ (୩୪) ଅରଡ଼ବଜାରସ୍ଥିତ ରେଲୱେ ଗେଟ୍ ନିକଟରେ ବ୍ରାଉନ୍‌ସୁଗାର ବିକୁଥିବା ଏବଂ ଅନ୍ୟ ବ୍ୟବସାୟୀଙ୍କୁ ଚାଲାଣ କରୁଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିବା ବେଳେ ଏସ୍‌କେ ବାବୁ ଦୌଡ଼ିବାକୁ ଲାଗିଥିଲେ। ପୋଲିସ ତାଙ୍କୁ କାବୁ କରି ଗିରଫ କରିବା ସହ ନିକଟରେ ଥିବା ବ୍ରାଉନ୍‌ସୁଗାର ଓ ଟଙ୍କା ଜବତ କରିଥିବା ତଦନ୍ତକାରୀ ଅଧିକାରୀ ସଚ୍ଚିଦାନନ୍ଦ ମହାଳିକ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଦୁର୍ଦ୍ଦାନ୍ତ ଅପରାଧୀ ପିଣ୍ଟୁ ମୃତ

ରୂପସା, ୨୩।୮ (ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ପିଣ୍ଟୁ ସାହୁଙ୍କର ରବିବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଅପରାହ୍ନରେ ପିଣ୍ଟୁ ନିଜ ବାଇକ୍‌ରେ ହଳଦୀପଦାସ୍ଥିତ ଘରକୁ ଫେରୁଥିଲେ। ହଳଦୀପଦା ବାଇପାସ୍-ବଜାର ରାସ୍ତାରେ ସାମନାପଟୁ ଆସୁଥିବା ଅନ୍ୟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତାଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ପିଣ୍ଟୁଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। କଟକ ନେବା ବାଟରେ ପାଣିକୋଇଲିଠାରେ ପିଣ୍ଟୁଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ପିଣ୍ଟୁଙ୍କ ନାମରେ ସହଦେବଖୁଣ୍ଟା, ବସ୍ତା, ରୂପସା ଓ ସଦର ସମେତ ବିଭିନ୍ନ ଥାନାରେ ଚୋରି, ଡକାୟତି, ଛିନ୍ତାଇ, ରାହାଜାନି ଆଦି ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋଲିସ ତଦନ୍ତ କରୁଛି।



ମୃତ ପିଣ୍ଟୁ ସାହୁ।

# ଅନ୍ତେବାସୀଙ୍କ ଗହଣରେ ରକ୍ଷାବନ୍ଧନ

ଖଇରା, ୨୩।୮ (ଡି.ଏନ.ଏ.)

ଯୁବ ଇଞ୍ଜିନିୟର ତଥା ଏସ୍ଆର ଗ୍ରୁପ ଅଧ୍ୟକ୍ଷ ରାଜେଶ ମହାକୁଡ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ଅନାଥାଶ୍ରମ ଅନ୍ତେବାସୀଙ୍କ ଗହଣରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ଇଂ ମହାକୁଡ ଡଗରପଡାସ୍ଥିତ ବିବେକଭାରତୀ ସେବାଶ୍ରମକୁ ଯାଇ ପିଲାମାନଙ୍କ ହାତରେ ରାଖୀ ବାନ୍ଧିବା ସହ ପାଠପଢା ତଥା ଖେଳ ସରଞ୍ଜାମ ବଣ୍ଟନ କରିଥିଲେ। ଶେଷରେ ସେମାନଙ୍କ ସହ ମିଶି ଭୋଜନ କରିଥିଲେ। ଆଶ୍ରମର ସଞ୍ଚାଳକ ଲମ୍ବୋଦର ଦଳେଇ, ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ମହାକୁଡ, ସୁକାନ୍ତି ମହାକୁଡ, ସସ୍ମିତା ମହାକୁଡ, କୌଶିକ ଭୋରା, ସୂର୍ଯ୍ୟାଂଶୀ ମହାକୁଡ, ସୁନ୍ଦରରାଜ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।



ସେବାଶ୍ରମ ଛାତ୍ରୀଛାତ୍ରଙ୍କ ଗହଣରେ ଏସ୍ଆର ଗ୍ରୁପ ଅଧ୍ୟକ୍ଷ ରାଜେଶ ମହାକୁଡ।

### ଭଣଜା ଆକ୍ରମଣରେ ଆହତ ମାମୁ ମୃତ

କପ୍ତିପଦା,୨୩।୮ (ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ମାହାଲିସାହିରେ ଭଣଜା ଆକ୍ରମଣରେ ଆହତ ମାମୁଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନରେନ୍ଦ୍ର ମାହାଲି(୫୬)। ଏନେଇ ମୃତକ ପୁଅ ଭରତଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୩୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଭଣଜା ଭୁଣ୍ଡା ମାହାଲି ଫେରାର ଥିବା ଜଣାପଡ଼ିଛି। ବୁଧବାର ସାମାନ୍ୟ ଘଟଣାକୁ କେନ୍ଦ୍ରକରି ମାମୁ ଓ ଭଣଜାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭୁଣ୍ଡା ଏକ ଶାବଳରେ ମାମୁ ନରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଉଦଳା ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ରବିବାର ପୁଣି ଗୁରୁତର ହୋଇ ପଡ଼ିବାରୁ ଉଦଳା ମେଡିକାଲ ନିଆଯାଇଥିଲେ ହେଁ ସେଠାରେ ନରେନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା।

# ଭତ୍ତା ଅପେକ୍ଷାରେ ଭିନ୍ନକ୍ଷମ

- ଶ୍ରୀବତ୍ସଙ୍କ ନିବେଦନ ଶୁଣୁନି ପ୍ରଶାସନ
- ପିଡିଏସ୍ ଚାଉଳରେ ସୀମିତ ସହାୟତା
- ସ୍ତ୍ରୀଙ୍କୁ କର୍କଟ, ଆର୍ଥିକ ସ୍ଥିତି ଶୋଚନୀୟ

ଢେଙ୍କାନାଳ ଅଫିସ, ୨୩।୮



ଭିନ୍ନକ୍ଷମ ଶ୍ରୀବତ୍ସ।

ପରିଣତ ବୟସରେ ଅଜାଡ଼ି ହୋଇପଡ଼ିଛି ଦୁଃଖ। ନିଜେ ଦିବ୍ୟାଙ୍ଗ। ଶାରୀରିକ ଅକ୍ଷମତା ଯୋଗୁ ଉଠିବସି କାମ କରିବା ମୁସ୍କିଲ। ଏଭଳି ସମସ୍ୟାରେ ପଡ଼ି ଦହଗଞ୍ଜ ହେଉଥିବାବେଳେ ସ୍ତ୍ରୀଙ୍କୁ ମାଡ଼ିବସିଛି ପ୍ରାଣଘାତୀ କ୍ୟାନ୍‌ସର। ଘରେ କେହି ରୋଜଗାରିଆ ବ୍ୟକ୍ତି ନ ଥିବାରୁ ଶୋଚନୀୟ ହୋଇପଡ଼ିଛି ଆର୍ଥିକ ଅବସ୍ଥା। ଅନ୍ୟପଟେ ୩ବର୍ଷ ହେଲା ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ଗୁହାରି। ରୋଗ ଜାଲରେ ଛନ୍ଦି ହୋଇପଡ଼ିଥିବା ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଗ୍ରାମର ୬୨ ବର୍ଷୀୟ ଶ୍ରୀବତ୍ସ ବେହେରା ଏବେ ଅନାଇଛନ୍ତି ସରକାରୀ ସହାୟତାକୁ।

ଶ୍ରୀବତ୍ସଙ୍କ କହିବା କଥା, ଦିବ୍ୟାଙ୍ଗ ହୋଇଥିବାରୁ ଉଠିବସି କାମ କରିବା ତାଙ୍କ ପକ୍ଷେ କଷ୍ଟକର। ଅଧିକାଂଶ ସମୟ ଶୋଇରହୁଛନ୍ତି। କ୍ୟାନ୍‌ସର ଆକ୍ରାନ୍ତ ସ୍ତ୍ରୀ କଟକରେ ଚିକିତ୍ସାଧୀନ ଅଛନ୍ତି। ଘରେ କେହି ରୋଜଗାର କରିବାକୁ ନାହାନ୍ତି। ଜମିବାଡ଼ି ମଧ୍ୟ ନାହିଁ। ରାଶନ କାର୍ଡରେ ମିଳୁଥିବା ସାମଗ୍ରୀରେ ଚଳିବା କଷ୍ଟକର ହେଉଛି। ୩ବର୍ଷ ହେଲା ଭତ୍ତା ପାଇଁ ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ମଞ୍ଜୁର ହେଉନାହିଁ। ବଡ଼ କଷ୍ଟରେ ଦିନ ବିତୁଛି। ପ୍ରଶାସନ ସଦୟ ହେଲେ ଭତ୍ତା ମଞ୍ଜୁର ହୋଇପାରନ୍ତା ବୋଲି ସେ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଗଁଦିଆ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ୟାମସୁନ୍ଦର ସେଠୀ କୁହନ୍ତି, ଶ୍ରୀବତ୍ସଙ୍କ ଆବେଦନ ସମ୍ପର୍କିତ ଫାଇଲ ଯାଞ୍ଚ କରିବେ। ନିୟମ ଅନୁଯାୟୀ ଆବେଦନ ହୋଇଥିଲେ ଯଥାଶୀଘ୍ର ଭତ୍ତା ମଞ୍ଜୁର କରାଯିବ ।

